# ୫ ମହିଳାଙ୍କ ସମେତ ୭ ନକ୍ସଲ ନିହତ

**ଗଡ଼ଚିରୋଲି, ୬।୧୨/ପିଟି :**

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ଆଜି ସକାଳେ ସୁରକ୍ଷା ବାହିନୀର ଏନ୍‌କାଉଣ୍ଟରରେ ୭ ଜଣ ମାଓବାଦୀ ନିହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୫ ଜଣ ହେଉଛନ୍ତି ମହିଳା। ପୁଲିସ ସୂତ୍ରରୁ ପ୍ରକାଶ ଯେ, ନକ୍ସଲପନ୍ଥୀମାନେ ଗଡ଼ଚିରୋଲିର ଶିରୋଞ୍ଚା ତହସିଲ ଅନ୍ତର୍ଗତ କାଲେଦ ଗାଁ ନିକଟବର୍ତ୍ତୀ ଜଙ୍ଗଲରେ ରହିଥିବାର ନିର୍ଦ୍ଦିଷ୍ଟ ସୂଚନା ପାଇ ଗତ ରାତିରୁ ଅପରେସନ୍ ଆରମ୍ଭ ହୋଇଥିଲା। ସି-୬୦ କମାଣ୍ଡୋଙ୍କ ଏକ ଟିମ୍‌କୁ ସେଠାକୁ ପଠାଯାଇଥିଲା। ପ୍ୟାଟ୍ରୋଲିଂ ଟିମ୍ କାଲେଦ ଗାଁ ଜଙ୍ଗଲକୁ ଘେରାଉ କରିଥିଲେ। ଏହି ଗାଁ ଛତିଶଗଡ଼ ସୀମାକୁ ଲାଗିଛି। ଆଜି ସକାଳ ୫.୩୦ରେ ଏହି ଏନ୍‌କାଉଣ୍ଟର୍ ଘଟିଥିଲା। ତେବେ କେତେକ ମାଓବାଦୀ ଖସି ପଳାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ୨ଟି ଏସ୍‌ଏଲ୍‌ଆର୍ ରାଇଫଲ୍, ୨ଟି ୩୦୩ ରାଇଫଲ୍, ୨ଟି ୧୨ ବୋର୍ ବନ୍ଧୁକ ଓ ଗୋଟିଏ ଦେଶୀ ପିସ୍ତଲ ଜବତ ହୋଇଛି ବୋଲି ନକ୍ସଲ ବିରୋଧୀ ଅପରେସନ୍ ସ୍ପେଶାଲ ଆଇଜି ଶରଦ ସେଲାର କହିଛନ୍ତି।

ଏହି ଏନ୍‌କାଉଣ୍ଟରରେ ୨ ଜଣ ନକ୍ସଲପନ୍ଥୀ ମଧ୍ୟ ଆହତ ହୋଇଛନ୍ତି। ସୁରକ୍ଷା ବାହିନୀକୁ ସେଠାରୁ ଆଣିବା ପାଇଁ ଏକ ହେଲିକପ୍ଟର ପଠାଯାଇଥିଲା ବୋଲି ଆଇଜି କହିଛନ୍ତି। ମାଓବାଦୀଙ୍କ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ତେବେ ସେମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ଅନ୍ୟ ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ, ନକ୍ସଲପନ୍ଥୀମାନେ କିଛି ଦିନ ହେଲା ସହିଦ ସପ୍ତାହ ପାଳନ କରୁଥିବାରୁ ସେଠାରେ ସୁରକ୍ଷାକର୍ମୀମାନଙ୍କୁ ବହୁ ସଂଖ୍ୟାରେ ମୁତୟନ କରାଯିବା ସହ ସେମାନଙ୍କୁ ଆଲର୍ଟ ରଖାଯାଇ ଥିଲା। ଉଲ୍ଲେଖଯୋଗ୍ୟ ଯେ, ପିପୁଲ୍ସ ଲିବରେସନ୍ ଗରିଲା ଆର୍ମି (ପିଏଲ୍‌ଜିଏ-ମାଓବାଦୀଙ୍କ ସାମରିକ ଶାଖା) ପକ୍ଷରୁ ଗତ ୨ରୁ ୮ ତାରିଖ ପର୍ଯ୍ୟନ୍ତ ସହିଦ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ନକ୍ସଲପନ୍ଥୀମାନେ ଅଧିକ ସକ୍ରିୟ ଥିବାରୁ ସୁରକ୍ଷା ବାହିନୀ ପକ୍ଷରୁ କଡ଼ା ସତର୍କତା ଅବଲମ୍ବନ କରାଯାଉଛି।

ଅପରପକ୍ଷରେ ଛତିଶଗଡର କୋଣ୍ଡାଗାଁଓ ଜିଲ୍ଲାର ହାଦେଲି ଗାଁ ନିକଟ ଜଙ୍ଗଲରେ ଏବେ ନିକଟରେ ପ୍ରତିଷ୍ଠା କରାଯାଇଥିବା ପୁଲିସ କ୍ୟାମ୍ପ ଉପରେ ନକ୍ସଲପନ୍ଥୀମାନେ ଗୁଳିମାଡ଼ କରିବାରୁ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି)ର ଜଣେ ଯବାନ ଆହତ ହୋଇଛନ୍ତି। ତେବେ ସୁରକ୍ଷା ବାହିନୀ ପକ୍ଷରୁ ଏହାର ପାଲଟା ଜବାବ ଦିଆଯାଇଛି। ଉଭୟଙ୍କ ମଧ୍ୟରେ କିଛି ସମୟ ସଂଘର୍ଷ ଚାଲିବା ପରେ ନକ୍ସଲପନ୍ଥୀମାନେ ଜଙ୍ଗଲ ଭିତରକୁ ପଳାଇଥିବା ଜଣାପଡ଼ିଛି।